## ସଂକ୍ଷେପରେ

### ରାସ୍ତା ଫାଟି ବାହାରୁଚି ପାଣି, ପ୍ରଶାସନ ନୀରବ



ମାଧପୁର,୮।୧- ଆଠମଲ୍ଲିକ-ମାଧପୁର ରାସ୍ତା ତଳେ ଯାଇଥିବା କନ୍ଧପଡା ପାନୀୟ ଜଳ ପ୍ରକଳ୍ପର ପାଇପ୍ ଫାଟି ଯାଇଥିବାରୁ ରାସ୍ତା ମଝିରୁ ପାଣି ବାହାରୁଛି। ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱ ଦବିବାରେ ଲାଗିଛି। ପାଇପ୍ ଫାଟି ଯାଇଥିବାରୁ ତଳମୁଣ୍ଡରେ ଥିବା ଲୋକମାନେ ମଧ ଠିକ୍ ଭାବେ ପାଣି ପାଇପାରୁନାହାନ୍ତି। କନ୍ଧପଡା ପାନୀୟ ଜଳ ପ୍ରକଳ୍ପରୁ କୁନ୍ଦନାଳୀ ପର୍ଯ୍ୟନ୍ତ ଏହି ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ପୂର୍ବରୁ ପାଇପ୍ ଯୋଗେ ଜଳଯୋଗାଣ କରାଯାଉଛି। କିନ୍ତୁ ରାସ୍ତା ପ୍ରଶସ୍ତୀକରଣ ଯୋଗୁ ଉକ୍ତ ପାଣି ପାଇପ ରାସ୍ତାର ମଧ ଭାଗରେ ରହିଯାଇଛି। ତେଣୁ ଦୈନିକ ଶହ ଶହ ଭାରିଯାନ ଯାଉଥିବାରୁ ଉକ୍ତ ପ୍ଲାଷ୍ଟିକ ପାଣି ପାଇପ୍ ବିଭିନ୍ନ ସ୍ଥାନରେ ଫାଟି ସ୍ଲିକେଜ ହେଉଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ଏ ବିଷୟରେ ଜାଣି ନ ଥିଲି। ତୁରନ୍ତ ପଦକ୍ଷେପ ନିଆଯିବ।

### ୨ ଚୋରା କୋଇଲା ଟ୍ରକ୍ ଜବତ

ତାଳଚେର,୮।୧(ନି.ପ୍ର.): ତାଳଚେର ପୋଲିସ କିଶୋରୀପାଳ ଜଙ୍ଗଲ ନିକଟରୁ ମଙ୍ଗଳବାର ୨ଟି ଚୋରା କୋଇଲା ଟ୍ରକ୍ (ନଂ. ଓଆର୧୯କେ-୬୦୮୪, ଓଆର୦୯ଜି-୭୨୮୬) ଜବତ କରିଛି। ତେବେ ପୋଲିସକୁ ଦେଖି ଗାଡ଼ି ଚାଳକ ଓ କୋଇଲ ମାଫିଆ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୯/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### କାଠ ସହ ଭ୍ୟାନ, ବାଇକ୍ ଜବତ



ବଇଣ୍ଡା,୮।୧(ଡି.ଏନ.ଏ.): ହଣ୍ଡପା ଥାନା ଖୋଲାରେଗେଡ଼ା ଗ୍ରାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ହଣ୍ଡପା ବନ ବିଭାଗ ଓ ପୋଲିସ ଚଢ଼ାଉ କରି ଚୋରା ଶାଳ କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ସହ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ କାଠ ବ୍ୟବସାୟୀ ହଣ୍ଡପା ଥାନା ବିଡିସିଙ୍ଗ ଗ୍ରାମର ଅଶ୍ୱିନୀ ପ୍ରଧାନଙ୍କୁ ଗିରଫ କରାଯାଇଛି। ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଜଙ୍ଗଲରୁ ଶାଳକାଠ କଟାଯାଇ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡି ୧୯ସି-୮୯୪୦)ରେ ଚାଲାଣ କରାଯାଉଥିବା ବେଳେ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଏଏସ୍ଆଇ ପ୍ରମୋଦ ଆଇଚ, ଆର୍. ବିଶ୍ୱାଳ, ହଣ୍ଡପା ଫରେଷ୍ଟର ସଞ୍ଜୟ ବେହେରା, ଗାର୍ଡ ପୁରୁଷୋତ୍ତମ ଦେହୁରୀ, ୱାଚର ଅଗସ୍ତି ବିଶ୍ୱାଳ, ପ୍ରକାଶ ବାଘ, ଗଜେନ୍ଦ୍ର ବେହେରା, ଶିବ କଠାର ପ୍ରମୁଖ ଚଢ଼ାଉ କରିଥିଲେ। ସେଠାରୁ ଅଶ୍ୱିନୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ଏକ ବାଇକ୍ (ନଂ. ଓଡି୧୯ଏମ୍-୮୫୯୭) ଜବତ କରାଯାଇଛି।

# ‘ଉନ୍ନତିମୂଳକ କାର୍ଯ୍ୟ କରିବାରେ ନାଲ୍କୋ ଆଗୁଆ’



ନାଲ୍କୋର ୪୦ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ବଣ୍ଟଁରପାଳ,୮।୧(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍କୋର ୪୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ମିନା ବଜାର ପଡିଆଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇନ୍‌କମ ଟାକ୍ସ ପ୍ରିନ୍ସିପାଲ ଚିଫ୍ କମିଶନର ପ୍ରଣବ କୁମାର ଦାସ ଯୋଗଦେଇ କହିଥିଲେ ଯେ, ରାଜ୍ୟ ଓ ରାଜ୍ୟ ବାହାରେ ଉନ୍ନତିମୂଳକ କାର୍ଯ୍ୟ କରିବାରେ ନାଲ୍କୋ ଆଗୁଆ। ନାଲ୍କୋର ଉନ୍ନତି ହେଲେ ଦେଶର ବିକାଶ ହେବ। ଆଗାମୀ ଦିନରେ ନାଲ୍କୋର ଭବିଷ୍ୟତ ଉଜ୍ଜ୍ୱଳ ହେବ। ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଲ୍କୋର ଅବସରପ୍ରାପ୍ତ ଇଡି ୟୁ.ବି. ପଟ୍ଟନାୟକ କହିଥିଲେ, ନାଲ୍କୋ ପ୍ରତିଷ୍ଠା ହେବା ଦିନଠାରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଆସିଛି। କମ୍ପାନୀର କର୍ମଚାରୀଙ୍କ କଠିନ ପରିଶ୍ରମରେ ଆଜି ଦେଶ ଓ ବିଦେଶରେ କମ୍ପାନୀ ସୁନାମ ଅର୍ଜନ କରିପାରିଛି। ପ୍ରାରମ୍ଭରେ ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇଡି ମନସା ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମେଲଟର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ସିପିପି ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପଣ୍ଡା, ମହାପ୍ରବନ୍ଧକ ମିହିର ରଥ, ପ୍ରଭାତ ବିଶ୍ୱାସ, ସୁଧୀର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍କୋ ଅଧିକାରୀ ରାଜାରାମ ମିଶ୍ର, ମଣିରଞ୍ଜନ ପଟ୍ଟନାୟକ, କେ.କେ. ବେହେରା, ସମୀର ମାଝି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସକାଳେ ଟାଉନଶିପ ଛକଠାରେ ନାଲ୍କୋ ତରଫରୁ ନିର୍ମିତ ବସ୍‌ଷ୍ଟାଣ୍ଡକୁ ଇଡି ମନସା ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ନାଲ୍କୋ ଶ୍ରମିକ କଂଗ୍ରେସ ୟୁନିୟନର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, ଆଲୁମିନିୟମ ମଜଦୁର ସଂଘ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ନେପୁ ସଭାପତି ବିନୋଦ ବିହାରୀ ସେଠ, ମାଙ୍ଗିଲାଲ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍କୋ ଷ୍ଟାଡିୟମ ପରିସରରେ ଆଖପାଖ ଅଞ୍ଚଳର ସ୍କୁଲ ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ଖେଳକୁଦର ଆୟୋଜନ କରାଯାଇଥିଲା।

# ରେଡ୍ ଷ୍ଟାର ଭୁବନେଶ୍ୱର ସେମିରେ

ପାଲଲହଡା,୮।୧(ଡି.ଏନ.ଏ.)

ପାଲଲହଡା ଷ୍ଟାଡିୟମଠାରେ ୟୁଥ୍ ଫର୍ ପାଲଲହଡା କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଚ୍ୟାଲେଞ୍ଜର୍ସ କପ୍ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଏମ୍‌ସିସି ସମ୍ବଲପୁରକୁ ୧୬ ରନରେ ହରାଇ ରେଡ୍ ଷ୍ଟାର କ୍ଲବ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ରେଡ୍ ଷ୍ଟାର କ୍ଲବ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ସିସି ସମ୍ବଲପୁର ୧୧୭ ରନ କରି ପରାସ୍ତ ହୋଇଥିଲା। ରେଡ୍‌ଷ୍ଟାର କ୍ଲବର ଆଶିଷ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ରୂପେଶ କୁମାର ପ୍ରଧାନ ଏବଂ ମାଧବ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ଗୁରୁବାର ଅନୁଗୋଳ ଏକାଦଶ ଓ କେନ୍ଦୁଝର ଏକାଦଶ ମଧ୍ୟରେ ମ୍ୟାଚ ଖେଳାଯିବ। କ୍ଲବ ଅଧ୍ୟକ୍ଷ ଦୁର୍ଜୟ କୁମାର ଗଡନାୟକ, ସଭାପତି ବିଷ୍ଣୁ ପ୍ରସାଦ ବେହେରା, ସମ୍ପାଦକ ଦିବ୍ୟକିଶୋର ଗଡନାୟକ, ଦିଗାମ୍ବର ଗଡନାୟକ, ଉପସଭାପତି ସନ୍ତୋଷ କୁମାର ପାଣି ପ୍ରମୁଖ ସହଯୋଗ କରିଥିଲେ।



କୃତୀ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବଇଣ୍ଡା,୮।୧ (ଡି.ଏନ.ଏ.)

କିଶୋରନଗର ବ୍ଲକ ହିମିତିରା ଗ୍ରାମ ଖେଳପଡ଼ିଆରେ ଚାଲିଥିବା ହମିତିରା ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ରେଢ଼ାଖୋଲ ଭୀମ ଭୋଇ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ହେମନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜଏରାଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ପ୍ରସନ୍ନ କୁମାର ନାୟକ, ପ୍ରଦୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନବୀନ କୁମାର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ମହେଶ ସାହୁ, ପ୍ରବୀଣ କୁମାର ନାୟକ, ମମତା ନାୟକ ଚାମ୍ପିୟନ ହୋଇଥିଲେ।

# ୧୨ରେ ଦିନକିଆ ଭଲିବଲ ଟୁର୍ନାମେଣ୍ଟ

ଅନୁଗୋଳ ଅଫିସ, ୮।୧



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଅନୁଗୋଳସ୍ଥିତ ମା’ ବାସନ୍ତୀ ଭଲିବଲ ହୋମ୍ ପକ୍ଷରୁ ଆସନ୍ତା ୧୨ ତାରିଖରେ ଏକ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଏହି ୪ର୍ଥ ଏକ ଦିବାସୀୟ ଦିବାରାତ୍ର ଟୁର୍ନାମେଣ୍ଟ ଅମଲାପଡ଼ାସ୍ଥିତ ମା’ ବାସନ୍ତୀ ଦୁର୍ଗା ପଡିଆରେ ଖେଳାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଚାମ୍ପିୟନ ଦଳକୁ ୭ ହଜାର ୭୭୭ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୫ ହଜାର ୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏହାବ୍ୟତୀତ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ, ବେଷ୍ଟ ଆଟାକର, ବେଷ୍ଟ ଲିବେରୋ, ବେଷ୍ଟ ଲିଫ୍ଟରଙ୍କୁ ମଧ ପୁରସ୍କୃତ କରାଯିବ। ଏହି ଖବରଦାତା ସମ୍ମିଳନୀରେ ମା’ ବାସନ୍ତୀ ଭଲିବଲ ହୋମ୍‌ର ସଭାପତି ପ୍ରତାପ ମାଝି, ସମ୍ପାଦକ ଅଶୋକ ରାଉତ, କୋଷାଧକ୍ଷ ନୌଶଦ ଅଲ୍ଲୀ, ଅନୁପ ମହାନ୍ତି, ପ୍ରଦୀପ ଦେବତା, ଟୁଟୁ ପ୍ରଧାନ, ପବିତ୍ର ମହାପାତ୍ର ଓ କୋଚ୍ ସମରେଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଗାଳି, କମେଣ୍ଟ ୩ ଅଭିଯୁକ୍ତଙ୍କୁ ଉଠାଇ ଆଣିଲା ପୋଲିସ

ଅନୁଗୋଳ ଅଫିସ, ୮।୧

ଅନୁଗୋଳ ଗାନ୍ଧୀମାର୍ଗ ଠାରେ ବୁଧବାର ସନ୍ଧ୍ୟାରେ ମଦ୍ୟପାନ କରି ଉତ୍ପାତ କରୁଥିବା ୩ ଯୁବକଙ୍କୁ ପୋଲିସ ଉଠାଇ ଆଣିଛି। ସମ୍ପୃକ୍ତ ଯୁବକମାନେ ଜଣେ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କମେଣ୍ଟ ମାରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ୩ ଯୁବକଙ୍କୁ ଥାନାକୁ ନେଇଆସିଥିଲା। ପରେ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ମହିଳା ଜଣଙ୍କ କାର୍ ଚାଳନା ଶିଖିବା ପାଇଁ କୁମଣ୍ଡ-ଜରାସିଂହା ରାସ୍ତାରେ ପ୍ରତ୍ୟେକ ଦିନ ଯାଇଥାନ୍ତି। ଏହି ସମୟରେ ସମ୍ପୃକ୍ତ ୩ ଯୁବକଙ୍କ ସହ ଅନ୍ୟ କେତେଜଣ ତାଙ୍କୁ କମେଣ୍ଟ ମାରିଥାନ୍ତି। ବୁଧବାର ପରିବାର ଲୋକଙ୍କ ସହ ସମ୍ପୃକ୍ତା ମହିଳା ଜରାସିଂହାରେ ଥିବା ଏକ ଫାର୍ମ ହାଉସ୍‌କୁ ଭୋଜି କରିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ବେଳେ ସମ୍ପୃକ୍ତ ୩ ଯୁବକ ତାଙ୍କ ଗାଡ଼ି ଆଗରେ ବାଇକ ରଖି କମେଣ୍ଟ ମାରିଥିଲେ। ଏପରି କି ମହିଳାଙ୍କ ଗାଡ଼ିକୁ ପିଛା କରି ଗାନ୍ଧୀମାର୍ଗ ଠାରେ ଗାଳିଗୁଲଜ କରିଥିଲେ। ଅଭିଯୋଗ ଅନୁସାରେ ଯୁବକମାନଙ୍କୁ ଉଠାଯାଇ ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

## ପୋଡ଼ିଯାଇ ନାବାଳିକା ଗୁରୁତର

ଅନୁଗୋଳ ଅଫିସ, ୮।୧

ଛେଣ୍ଡିପଦା ବ୍ଲକ ବଡ଼ହଂସରଠାରେ ବୁଧବାର ସକାଳେ ଶାଗ ଭାଜୁଥିବାବେଳେ ପୋଡ଼ିଯାଇ ମଳୟ ସିଂହଙ୍କ ଝିଅ କ୍ରାନ୍ତି ସିଂହ(୧୦) ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

**ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ**

# ‘ଛାତ୍ରୀଛାତ୍ରମାନେ ଉତ୍ତମ ମଣିଷ ହୁଅନ୍ତୁ’

ଛେଣ୍ଡିପଦା,୮।୧(ସ୍ୱ.ପ୍ର.)



ପଞ୍ଚାୟତସ୍ତରୀୟ କ୍ରୀଡ଼ା ଉତ୍ସବରେ ଅତିଥିମାନେ।

ଛେଣ୍ଡିପଦା ବ୍ଲକ ସାପୋଇନାଳିସ୍ଥିତ ଶିମିଳିପାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଡିଓ ସୁନୀଲ କୁମାର କେରକେଟା, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଜଗବନ୍ଧୁ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀ ବେହେରା ଓ ପୂର୍ବତନ ପ୍ରଧାନ ଶିକ୍ଷକ ଲମ୍ବୋଦର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବିଶ୍ୱନାଥ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ପ୍ରିୟଦର୍ଶନୀ ତ୍ରିପାଠୀ ବିବରଣୀ ପାଠ କରିଥିଲେ। କଠିନ ଅଧ୍ୟବସାୟ ଓ ପ୍ରଚଣ୍ଡ ନିଷ୍ଠା ବଳରେ ଛାତ୍ରୀଛାତ୍ରମାନେ ସମାଜରେ ଉତ୍ତମ ମଣିଷ ହୋଇପାରିବେ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ପରେ କୃତିତ୍ୱ ଲାଭ କରିଥିବା ୧୪୦ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତର ୧୩ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗଦେଇଥିଲେ।

# ଫାଇନାଲରେ ଭଦ୍ରକ ରେଲୱେ



ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ପବିତ୍ରନଗର,୮।୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ପକ୍ଷରୁ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ଭଦ୍ରକର ରେଲୱେ ଟିମ୍ କଟକର ରାଇଜିଙ୍ଗ ଷ୍ଟୁଡେଣ୍ଟ ଟିମକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କଟକ ଟିମ୍ ବ୍ୟାଟିଂ କରି ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ ଭଦ୍ରକ ଟିମ୍ ୫ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଜ୍ୟୋତିରଞ୍ଜନ ମହାରଣା ୯୭ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜୟକୃଷ୍ଣ ରାଉତ ଓ ହେମେନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ରମାକାନ୍ତ ସାହୁ ଓ ସୁବାସ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ କ୍ଲବର ବରିଷ୍ଠ ସଦସ୍ୟ ଘନଶ୍ୟାମ ବୈଦ୍ୟ, ସମ୍ମାନିତ ଅତିଥି ଭାବେ ସୁଶାନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପ୍ରତାପ ସାହୁ, ଜ୍ଞାନ ରଞ୍ଜନ ଜ୍ୟୋତିଷ, ସୁବ୍ରତ ବିଶ୍ୱାଳଙ୍କ ସମେତ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ଗୁରୁବାର ୫ମ ଦିବସରେ ସମ୍ବଲପୁରର ଏମ୍‌ସିସି ଓ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

**ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ-୨୦୨୦**

# ‘ଭିନ୍ନକ୍ଷମଙ୍କ ଭିତରେ ଅନେକ ପ୍ରତିଭା ରହିଛି’

ଅନୁଗୋଳ ଅଫିସ, ୮।୧




କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ୨୦୨୦ ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ମନୋନୀତ ହୋଇଥିବା ୩୦୫ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଶ୍ୱ ବ୍ରେଲ ଦିବସ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଭିନ୍ନକ୍ଷମଙ୍କ ଭିତରେ ଅନେକ ପ୍ରତିଭା ଲୁଚିହୋଇ ରହିଥିବାରୁ ତାହାକୁ ବିକଶିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ମୁଖ୍ୟବକ୍ତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶିଳ୍ପୀ ଦେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗିରିଜା କୁମାରୀ ମହାପାତ୍ର ସଂଯୋଜନା କରିଥିଲେ। ବିଭିନ୍ନ ଅଧିକାରୀ, ସମସ୍ତ ଗୋଷ୍ଠୀ ସାଧନକର୍ମୀ, ଅନ୍ତର୍ନିବେଶ ଶିକ୍ଷା ସାମାଜିକ କର୍ମୀ, ବ୍ଲକ ଶିକ୍ଷା ଅଧିକାରୀ, ସହଗୋଷ୍ଠୀ ଅଧିକାରୀ, ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଓ.ପି. ଜିନ୍ଦଲ ସ୍କୁଲର ଦଶମ ବାର୍ଷିକ ଉତ୍ସବ**

# ଲକ୍ଷ୍ୟ ସ୍ଥିରକରି ଅଗ୍ରସର ହେବାକୁ ପରାମର୍ଶ

ଅନୁଗୋଳ ଅଫିସ, ୮।୧



ବାର୍ଷିକ ମାଗାଜିନ ‘ଭୟେଜ’ର ନବମ ସଂସ୍କରଣ ଉନ୍ମୋଚନ କରାଯାଉଛି।

ଅନୁଗୋଳ ଜିନ୍ଦଲ ନଗରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲର ଦଶମ ବାର୍ଷିକ ଉତ୍ସବ ତାରୁଣ୍ୟମ ପାଳିତ ହୋଇଯାଇଛି। ଜେଏସ୍‌ପିଏଲ୍ ଓଡ଼ିଶା ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିନ୍ଦଲ ମହିଳା ସମିତି ଅଧ୍ୟକ୍ଷା ପ୍ରତିଭା ଗୌତମ ଓ ଜେଏସ୍‌ପିଏଲ ମାନବ ସମ୍ବଳ ବିଭାଗ ମୁଖ୍ୟ ଆଲୋକ ମାଲହୋତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଙ୍କଜ ଗୌତମ ଜୀବନର ଲକ୍ଷ୍ୟ ସ୍ଥିର କରି ସେହି ପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଛନ୍ଦା ଚରଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ‘ତାରୁଣ୍ୟମ’ର ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ବାର୍ଷିକ ମାଗାଜିନ ‘ଭୟେଜ’ର ନବମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ସେହିପରି ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ସିବିଏସ୍‌ଇ ବୋର୍ଡ ଦ୍ୱାରା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉତ୍କର୍ଷ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗୀୟ ମୁଖ୍ୟ, ସ୍କୁଲ ପରିଚାଳନା ସମିତି ସଦସ୍ୟ, ଛାତ୍ରୀଛାତ୍ର, ଅଭିଭାବକ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର, ଜାନୁୟାରୀ ୯ /୨୦୨୦, Dhenkanal, January, Thursday 9 / 2020


## ସଂକ୍ଷେପରେ

### ଝାମ୍ପିନେଲେ ସୁନାଚେନ୍

**ରାସୋଳ, ୮।୧(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଧୀନ ତେଲିଭୂଇଁ-ବାଙ୍କଟିଆ ରାସ୍ତାରେ ରହୁଥିବା ଦୟାନିଧି ମାଝିଙ୍କ ସ୍ତ୍ରୀ ପ୍ରଶାନ୍ତିଙ୍କ ବେକରୁ ମଙ୍ଗଳବାର ୨୦ ଗ୍ରାମ ଓଜନର ଏକ ସୁନାଚେନକୁ ଦୁର୍ବୃତ୍ତମାନେ ଝାମ୍ପି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି।ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୯ଟାରେ ୬ଜଣ ଯୁବକ ୩ଟି ବାଇକ୍‌ରେ ଆସି ପ୍ରଶାନ୍ତିଙ୍କୁ ସୁନା ସଫା କରିବାକୁ କହିଥିଲେ। ମହିଳା ଜଣକ ମନା କରିବାରୁ ସେମାନେ ଫେରି ଯାଇଥିଲେ। ମଧ୍ୟାହ୍ନରେ ସେମାନଙ୍କ ମଧ୍ୟରୁ ପୁନର୍ବାର ୨ଜଣ ଆସି ସମାନ କଥା ଦୋହରାଇଥିଲେ। ହେଲେ ପ୍ରଶାନ୍ତି ରାଜି ନ ହେବାରୁ ଫେରିଯାଇଥିଲେ। ସନ୍ଧ୍ୟା ୫ଟାରେ ପ୍ରଶାନ୍ତି ଘର ବାହାରେ ବସିଥିବା ସୁଯୋଗରେ ଅଭିଯୁକ୍ତମାନେ ହଠାତ୍ ଆସି ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ନେଇ ପଳାଇଥିଲେ। ସ୍ଥାନୀୟ କେତେଜଣ ଯୁବକ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ ମଧ ସଫଳ ହୋଇପାରି ନ ଥିଲେ। ଦୁର୍ବୃତ୍ତମାନେ ସାପୁଆ ଡ୍ୟାମ ଅଞ୍ଚଳରେ ମଧ ଆତଙ୍କରାଜ ସୃଷ୍ଟି କରିଥିବା ସୂଚନା ମିଳିଛି। ଡ୍ୟାମକୁ ଭୋଜି କରିବାକୁ ଆସିଥିବା ଜଣେ ମହିଳାଙ୍କଠାରୁ ସେମାନେ ପର୍ସ ଛଡ଼ାଇ ନେଇଛନ୍ତି। ଉକ୍ତ ପର୍ସରେ ସୁନାଚେନ୍ ଥିବା ଅଭିଯୋଗ ହୋଇଛି। ଉଭୟ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କୁ ଆକ୍ରମଣ

**ବଇଣ୍ଡା,୮।୧(ଡି.ଏନ୍.ଏ.):** ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କୁ ସେହି ଗ୍ରାମର ଗଗନ ନାୟକ, ଗୁଣ୍ଡୁରୀମୁଣ୍ଡା ଗ୍ରାମର ପ୍ରଶାନ୍ତ ନାୟକ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୧/୨୦ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କୃଷ୍ଣଚନ୍ଦ୍ରଙ୍କ ବାଡ଼ିରୁ ଗଗନ ଅମୃତଭଣ୍ଡା ତୋଳି ନେଉଯାଇଥିଲେ। ଏ ନେଇ କୃଷ୍ଣଚନ୍ଦ୍ର ପଚାରିବାରୁ ଗଗନ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

■ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ପରିକଳ୍ପନା ପ୍ରତିଯୋଗିତା ଉଦ୍‌ଯାପିତ

# ରାଜ୍ୟସ୍ତରକୁ ଗଲା ୧୩ ପ୍ରକଳ୍ପ



ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପରିକଳ୍ପନା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୮।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ମୀନକେତନ ହାଇସ୍କୁଲ ପରିସରରେ ଦୁଇଦିନଧରି ଚାଲିଥିବା ୭ମ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପରିକଳ୍ପନା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଦର୍ଶନୀରେ ମୋଟ ୧୩୧ ପ୍ରକଳ୍ପ ସାମିଲ ହୋଇଥିଲା। ସେଥିରୁ ୧୩ଟି ରାଜ୍ୟସ୍ତରକୁ ମନୋନୀତ ହୋଇଛି। ସେଗୁଡ଼ିକ ମଧ୍ୟରେ ଓଡ଼ାପଡ଼ା ବ୍ଲକ କମଳାଙ୍ଗ ହାଇସ୍କୁଲର ସୋମେଶ ଦଳେଇ, ବଳରାମ ହାଇସ୍କୁଲର ସାର୍ଥକ ମହାପାତ୍ର, କାଣ୍ଡବିନ୍ଧା ରଘୁନାଥଜୀଉ ବିଦ୍ୟାମନ୍ଦିରର ଦେବଦର୍ଶିନୀ ପୃଷ୍ଟି, ସିରିଡ଼ିହି ପ୍ରୋଜେକ୍ଟ ଉପ୍ରା ବିଦ୍ୟାଳୟର ଯଶୋବନ୍ତୀ ଭୋଇ, ମଙ୍ଗଳପୁର ନୋଡାଲ ଉପ୍ରା ବିଦ୍ୟାଳୟର ମୋନାଲିସା ସାହୁ, ସଦର ବ୍ଲକ ସାଙ୍କୁଲେଇ ପ୍ରୋଜେକ୍ଟ ଉପ୍ରା ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ସାହୁ, ରାସୋଳ ହାଇସ୍କୁଲର ରୁଦ୍ରପ୍ରସାଦ ବେହେରା, ମହାଲୁଣ୍ଡା ପଞ୍ଚାୟତ ହାଇସ୍କୁଲର ରୁଦ୍ରନାରାୟଣ ସାହୁ, ପଲ୍ଲୀବିକାଶ ହାଇସ୍କୁଲର ଶପଥ ବିଶ୍ୱାଳ, ବାଳିକା ଉଚ୍ଚ ବିଦ୍ୟାଳୟର ଅମ୍ବିକା ନନ୍ଦିନୀ ନନ୍ଦ, କାମାକ୍ଷାନଗର ଅଁଳାବେରେଣୀ ନୂଆସାହି ଉପ୍ରା ବିଦ୍ୟାଳୟର ସବ୍ୟସାଚୀ ସ୍ୱାଇଁ, ପରଜଙ୍ଗ ବ୍ଲକ କାନ୍ତୋର ପଞ୍ଚାୟତ ହାଇସ୍କୁଲର ଆକାଶ ଚନ୍ଦ୍ର ସାହୁ, କଙ୍କିଳି ଉପ୍ରା ବିଦ୍ୟାଳୟର ଚିନ୍ମୟ ପାତ୍ରଙ୍କ ପ୍ରକଳ୍ପ ରହିଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ମୁଖ୍ୟବକ୍ତା ଭାବେ ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା, ବିଇଓ ଶାନ୍ତନୁ କୁମାର ମଲ୍ଲିକ, ଅଭିମନ୍ୟୁ ସେଠୀ, ନିତ୍ୟାନନ୍ଦ ବାରିକ, ହୃଷୀକେଶ ବାରିକ, ଡିଇଓଙ୍କ କାର୍ଯ୍ୟାଳୟର ବିଜ୍ଞାନ ପରିଚାଳକ ସୁକାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସୁକାନ୍ତ ମାଝି ଧନ୍ୟବାଦ ଦେଇଥିଲେ। ମଙ୍ଗଳବାର ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ୨ ନିଖୋଜ ଛାତ୍ରଙ୍କ ପତ୍ତା ମିଳୁନି

**ଢେଙ୍କାନାଳ ଅଫିସ, ୮।୧**

ଢେଙ୍କାନାଳ ସହର ଗୁଡ଼ିଆନାଳୀ ଏବଂ କୁଞ୍ଜକାନ୍ତ ଅଞ୍ଚଳରୁ ରବିବାରଠାରୁ ନିଖୋଜ ଥିବା ଦୁଇଜଣ ଛାତ୍ରଙ୍କ ପତ୍ତା ମିଳୁନାହିଁ। ସେମାନଙ୍କୁ ଖୋଜି ବାହାର କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ବୁଧବାର ଟାଉନ ଥାନା ପୋଲିସର ଦୁଇଟି ଟିମ୍ ସେମାନଙ୍କୁ ଖୋଜିବାକୁ ପରିବାର ସଦସ୍ୟଙ୍କ ସହ ପୁରୀ, ଭୁବନେଶ୍ୱର ଏବଂ କଟକକୁ ଯାଇଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଆୟୁଷ୍ମାନ ନାୟକ (୧୪) ଏବଂ ଓମ୍ ପ୍ରକାଶ ପରିଡ଼ା (୧୩) ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ୮ମ ଶ୍ରେଣୀରେ ପଢ଼ନ୍ତି। ଗତ ରବିବାରଠାରୁ ଦୁହେଁ ଖେଳିବାକୁ ଯାଇ ଆଉ ଘରକୁ ଫେରିନାହାନ୍ତି। ଘଟଣାକୁ ୪ଦିନ ବିତିଯାଇଥିଲେ ମଧ ଛାତ୍ରଙ୍କ ପତ୍ତା ମିଳୁନାହିଁ। ଏହାକୁ ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ନଂ. ୬/୨୦, ଦଫା ୩୬୩ରେ ଅପହରଣ ମାମଲା ରୁଜୁ କରାଯାଇଛି।

## କ୍ଷତିଗ୍ରସ୍ତଙ୍କୁ କମ୍ବଳ ବଣ୍ଟନ

**ଢେଙ୍କାନାଳ ଅଫିସ, ୮।୧**

ଢେଙ୍କାନାଳ ସହର ଉପକଣ୍ଠସ୍ଥିତ ମହିଷାପାଟ ମାଣିଆବନ୍ଧ ଜୁଆଙ୍ଗ ସାହିରେ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଅଗ୍ନିବିପନ୍ନ ଏବଂ ଅସହାୟଙ୍କୁ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ସୋମବାର କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୌରସଂସ୍ଥାର ପୂର୍ବତନ ଉପାଧ୍ୟକ୍ଷା ସୁମିତ୍ରା ଭୋଇ, ଦେବେନ୍ଦ୍ର ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଫୋରମର ସମ୍ପାଦକ ଭରତ ଦାସ, ସହସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ନଗର ସମ୍ପାଦକ ଦୟାନିଧି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨ ଚୋରି ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୮।୧**

ଅନୁଗୋଳ ପୋଲିସ ଏକ ଘରୋଇ କମ୍ପାନୀରୁ ଚୋରି ଅଭିଯୋଗରେ ଅମଳାପଡ଼ାର ରଞ୍ଜନ ବେହେରା(୨୭) ଏବଂ ହୁଲୁରିସିଂହା ଅଞ୍ଚଳର ରଞ୍ଜନ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ବହୁ ଚୋରି ସାମଗ୍ରୀ ଜବତ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅମଳାପଡ଼ା କେନାଲ ନିକଟରେ ଥିବା କମ୍ପାନୀରୁ ସାମଗ୍ରୀ ଚୋରି ହେବା ନେଇ କମ୍ପାନୀ କର୍ତ୍ତୃପକ୍ଷ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ଦୁଇ ଅଭିଯୁକ୍ତ ଗତ ୩ ତାରିଖ ସନ୍ଧ୍ୟାରେ ପୁଣି ଚୋରି କରିବାକୁ ଯାଇଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

■ଶିକ୍ଷା ପ୍ରକଳ୍ପ ସମୂହର ବାର୍ଷିକ ଉତ୍ସବ

# ‘ଭଲ ମଣିଷ ହୁଅ, ସୁନାମ ଆଣ’



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୮।୧**

ଗଁଦିଆ ବ୍ଲକ କରମୂଳ ଅଶ୍ୱଖୋଲରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଐରା’ ଦ୍ୱାରା ପରିଚାଳିତ ଆବାସିକ ଶିକ୍ଷା ପ୍ରକଳ୍ପ ସମୂହର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସମ୍ମାନିତ ଅତିଥି ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଏସ୍‌ବିଆଇ ବେଲଟିକିରି ଶାଖା ପରିଚାଳକ ଲୋକନାଥ ଚକ୍ରକୁମାର, ସରପଞ୍ଚ ରାଜେଶ ନାୟକ, ସଂଯୋଜକ ପ୍ରଦ୍ୟୁମ୍ନ ପଣ୍ଡା, ଗୋଲକ ବିହାରୀ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ଭଲ ମଣିଷ ହୋଇ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସରକାରୀ ଯୋଜନାର ସୁଯୋଗ ନେବା, ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ବରିଷ୍ଠ ଶିକ୍ଷକ କୈଳାସ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମିକୁନା ମୁର୍ମୁ, ନୂଆ ମୁଣ୍ଡା, ବବିତା ମୁଣ୍ଡା, ଅଙ୍କିତା ନାଏକ, ରିଶିକାନ୍ତ ନାଏକ, ସିଙ୍ଗିରାଇ ମୁର୍ମୁ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଛାତ୍ରୀଛାତ୍ରମାନେ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଉତ୍ସବରେ ପ୍ରଭାସିନୀ ଶିକ୍ଷା ପ୍ରକଳ୍ପ, ଅଶ୍ୱଖୋଲାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ସହାୟକ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପରିଚାଳନା ପରିଷଦର ସଭ୍ୟମାନେ ଯୋଗ ଦେଇଥିଲେ।






# ନ୍ୟାୟ ପାଇଲେ ଯୁବତୀ: ମିଳିଲା ବୋହୂର ସ୍ୱୀକୃତି

**ପରଜଙ୍ଗ, ୮।୧(ଡି.ଏନ୍.ଏ.)**

ଯୁବତୀଙ୍କୁ ମିଳିଛି ନ୍ୟାୟ। ପ୍ରେମିକ ଧରିଛନ୍ତି ପ୍ରେମିକାଙ୍କ ହାତ। ଶାଶୁଘରେ ମିଳିଛି ବୋହୂର ସ୍ୱୀକୃତି। ଦୁହେଁ ଖୁସିରେ ଦାମ୍ପତ୍ୟ ଜୀବନ କାଟିବାକୁ ସ୍ଥିର କରିଛନ୍ତି। ପ୍ରେମିକଙ୍କ ବିରୋଧରେ ପ୍ରତାରଣା ଅଭିଯୋଗ ଆଣିଥିବା ପ୍ରେମିକାଙ୍କୁ ସ୍ତ୍ରୀର ମାନ୍ୟତା ମିଳିବା ପରେ ପରଜଙ୍ଗ ଥାନା ଆମ୍ବପଳାସ ଅଞ୍ଚଳରେ ୫ଦିନ ଧରି ଚାଲିଥିବା ଚର୍ଚ୍ଚାରେ ପଡ଼ିଛି ଯବନିକା।

ଆମ୍ବପଳାସ ଗ୍ରାମର ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଯୁବତୀ ଜଣକ ପ୍ରେମ ପ୍ରତାରଣା କରିଥିବା ଅଭିଯୋଗ ଆଣିଥିଲେ। ମାମଲା ଥାନାରେ ପହଞ୍ଚିଥିଲା। ବୋହୂର ମାନ୍ୟତା ଦାବିକରି ସେ ଗତ ଶୁକ୍ରବାରଠାରୁ ପ୍ରେମିକଙ୍କ ଦାଣ୍ଡଦୁଆରେ ଧାରଣାରେ ବସିଥିଲେ। ଏପରି କି ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବାକୁ ଯୁବତୀ ଜଣକ ଚେତାବନୀ ଦେଇଥିଲେ। ଏ ନେଇ ରବିବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଝିଅକୁ ନ୍ୟାୟ ଦେବାକୁ ତତ୍ପରତା ଦେଖାଇଥିଲେ। ମଙ୍ଗଳବାର ପରଜଙ୍ଗ ଥାନାରେ ଉଭୟ ପରିବାରର ଉପସ୍ଥିତିରେ ମାମଲାର ସମାଧାନ କରାଯାଇଥିଲା। ପରିବାର ସଦସ୍ୟଙ୍କ ସହମତିରେ ଦୁହେଁ କୋର୍ଟରେ ବିବାହ କରିଥିଲେ। ବୁଧବାର ଆନୁଷ୍ଠାନିକ ଭାବେ ସେମାନଙ୍କ ବିବାହ ହୋଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଅନ୍ୟପଟେ ଯୁବକଙ୍କ ବଡ଼ଭାଇ ଅବିବାହିତ ଅଛନ୍ତି। ସେ ବିବାହ କରିବା ଯାଏ ନବଦମ୍ପତି ଝିଅ ଘରେ ରହିବେ। ବଡ଼ ଭାଇ ବିବାହ କରିସାରିବା ପରେ ସେମାନେ ଘରକୁ ଆସିବେ ବୋଲି ପାରିବାରିକ ନିଷ୍ପତ୍ତି ହୋଇଛି।

## ଫଟୋରେ ଖବର




ନାଲ୍‌କୋର ୪୦ତମ ପ୍ରତିଷ୍ଠା ଦିବସ ସମାରୋହ ଭୁବନେଶ୍ୱର ନାଲ୍‌କୋନଗରସ୍ଥିତ ମହାନଦୀ ନିବାସ ଅଡିଟୋରିୟମରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଢେଙ୍କାନାଳର ବିଶିଷ୍ଟ ଯୁବ ନୃତ୍ୟଶିଳ୍ପୀ ଗୌରୀଶଙ୍କର ଦାସଙ୍କୁ ‘ନାଲ୍‌କୋ ଖାରବେଳ ସମ୍ମାନ’ରେ ଅତିଥିମାନେ ସମ୍ମାନିତ କରୁଛନ୍ତି।






## ଘରୁ ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୮।୧(ଡି.ଏନ୍.ଏ.)**

କାମାକ୍ଷାନଗର ଥାନା ରେଙ୍ଗାଳି କଲୋନୀରୁ ବୁଧବାର ସନ୍ଦେହଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପିଙ୍ଗୁଆ ଅଞ୍ଚଳର ଅମୂଲ୍ୟ ସାହୁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ନଂ. ୩/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉକ୍ତ ଘର ଦୁଇଦିନ ହେଲା ବନ୍ଦ ରହିଥିଲା। ଲୋକମାନଙ୍କ ସନ୍ଦେହ ହେବାରୁ ସ୍ଥାନୀୟ ବାସିନ୍ଦା ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ରେଙ୍ଗାଳି କଲୋନୀର ଅନେକ ଘର ଜବରଦଖଲରେ ରହିଛି। କେତେଜଣ ବ୍ୟକ୍ତି ଘରଗୁଡ଼ିକୁ ଭଡ଼ାସୂତ୍ରରେ ଲଗାଇଛନ୍ତି। ଏହାକୁ ନେଇ ଅନେକ ସମୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି। ଏହାର ତଦନ୍ତ କଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ